## ସଂକ୍ଷେପରେ

### ୫ ଜଣଙ୍କ ଜୀବନ ନେଲା କରୋନା

**ଅନୁଗୋଳ ଅଫିସ, ୨୮।୮:** ଅନୁଗୋଳ ଜିଲାରୁ ଶନିବାର ୨୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୩ ହଜାର ୯୯୧ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ତାଳଚେର ବ୍ଲକରୁ ୫ ଜଣ, ବଣାରପାଳ ବ୍ଲକରୁ ୪, କଣିହାଁ ବ୍ଲକରୁ ୪, ଛେଣ୍ଡିପଦା ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୩ ଓ ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୩୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ କରୋନାରେ ପୁଣି ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୩୪୪ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୨ ଅଭିଯୁକ୍ତ ଗିରଫ



**ଅନୁଗୋଳ ଅଫିସ, ୨୮।୮:** ଅନୁଗୋଳ ସଦର ଥାନା ଡେରଜାଙ୍ଗ ଡ୍ୟାମ୍ ନିକଟରୁ ମୋବାଇଲ ଓ ଟଙ୍କା ଛଡ଼ାଇ ନିଆଯିବା ଘଟଣାରେ ସଦର ଥାନା ପୋଲିସ କୁମଣ୍ଡ ଅଞ୍ଚଳର ରଞ୍ଜନ ନାଏକ (୨୧) ଏବଂ ହେମସୁରପଡ଼ାର ମଳୟ ବାଘ (୨୪)ଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ରନ୍ତଲେଇ ଅଞ୍ଚଳର ମାନସ ନାଏକ ଓ ତାଙ୍କ ବନ୍ଧୁ ଡ୍ୟାମ୍ ନିକଟକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ୩ ଜଣ ଯୁବକ ମାନସଙ୍କୁ ମାଡ଼ମାରି ମୋବାଇଲ ଓ ୪ ହଜାର ୭୦୦ ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

### ଭୂତଳ କୋଇଲା ସର୍ଭେକୁ ବିରୋଧ

**କଣିହାଁ, ୨୮।୮(ଡି.ଏନ୍.ଏ.):** ଅନୁଗୋଳ ଜିଲା କଣିହାଁ ଓ ଛେଣ୍ଡିପଦା ବ୍ଲକ ସୀମାନ୍ତରେ ଏକ କୋଲ ବ୍ଲକ ପାଇଁ ସର୍ଭେ ସହିତ ଭୂତଳ କୋଇଲାସ୍ତର ଧାର୍ଯ୍ୟ ନିମନ୍ତେ ବାରିହାପୁର ଗ୍ରାମରେ ପରୀକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। କିଛିଦିନ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ହେଲେ କମ୍ପାନୀ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରିବାରୁ ଗୁରୁବାର ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ସର୍ଭେ କର୍ମଚାରୀଙ୍କ ସହିତ ୨ଟି ଗାଡିକୁ ଅଟକ ରଖାଯାଇଥିଲା। କଣିହାଁ ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ପତିତପାବନ ଦେବତା ରାତିରେ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିବାରୁ ସର୍ଭେ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ିଦେଇଥିଲେ ମଧ୍ୟ ୨ ଗାଡ଼ି ଅଟକ ରଖିଛନ୍ତି । ଏ ନେଇ ତହସିଲଦାର କହିଛନ୍ତି, ନୂତନ କୋଲ୍ ବ୍ଲକ ଘୋଷଣାକୁ ନେଇ ସେଣ୍ଟ୍ରାଲ୍ ମାଇନ୍ ପ୍ଲାନିଂ ଓ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ ତରଫରୁ ଭୂତଳ କୋଇଲା ସର୍ଭେ କାର୍ଯ୍ୟ ଚାଲିଛି। ସର୍ଭେ କ୍ୟାମ୍ପିଂ ଛେଣ୍ଡିପଦା ବ୍ଲକ କୋଶଳାରେ ରହିଛି । ଏହି ସର୍ଭେରେ କଣିହାଁ ତହସିଲ ଅଞ୍ଚଳର ବାରିହାପୁର ଓ ଶରଧାପୁର ଗ୍ରାମ ରହିଛି। କୋଲ୍‌ସ୍ତର ନିର୍ଦ୍ଧାରଣ ପରେ ସ୍ଥିତି ଜଣାପଡ଼ିବ। ଶନିବାର ସୁଦ୍ଧା ଗାଡ଼ି ଅଟକ ରହିଛି। ଏ ନେଇ ୨୨୧/୨୧ରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।

### ଜଗନ୍ନାଥ ମନ୍ଦିରରୁ ଚୋରି

**ଆଠମଲ୍ଲିକ, ୨୮।୮(ଡି.ଏନ୍.ଏ.):** ଆଠମଲ୍ଲିକ ସହରରେ ଥିବା ଜଗନ୍ନାଥ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। କେତେ ଜଣ ଦୁର୍ବୃତ୍ତ ମନ୍ଦିର କବାଟ ତାଲା ଭାଙ୍ଗି ବିଭିନ୍ନ ପିତଳ ସାମଗ୍ରୀ ନେଇଯାଇଛନ୍ତି। ଶନିବାର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ପୂଜା କରିବାକୁ ଯାଇଥିବାବେଳେ ମନ୍ଦିରରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଦେବୋତ୍ତର ବିଭାଗ ସଭାପତି ତଥା ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଅବଗତ କରାଇଥିଲେ। ଏ ନେଇ ଚିତ୍ତରଞ୍ଜନ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ୧୫ ହଜାର ଟଙ୍କା ହେବ। ପୋଲିସ ନଂ. ନଂ. ୧୪୭/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୨୮।୮(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର ରାଜିଙ୍ଗ ଗ୍ରାମରେ ଚଢାଉ କରାଯାଇ ଚୁମିକି ମିର୍ଦ୍ଧାଙ୍କ ଘରୁ ୧୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ମଦନପୁର ଗ୍ରାମରେ ଚଢାଉ କରାଯାଇ ଅଶୋକ ମହାକୁଡଙ୍କ ଘରୁ ୩୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଅବକାରୀ ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବିପିନ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ।

# ସବୁ ଥାଇ ଶ୍ରୀହୀନ



- ହକି ବିକାଶ ପାଇଁ ହେଉନି ଆଖିଦୃଶିଆ ଉଦ୍ୟମ
- ଭିତ୍ତିଭୂମି ଅଭାବରୁ ଲୁଚିଯାଉଛନ୍ତି ଗ୍ରାମାଞ୍ଚଳ ପ୍ରତିଭା
- ଆଷ୍ଟ୍ରୋଟର୍ଫ ପଡ଼ିଆ, ପ୍ରଶିକ୍ଷଣ, ପ୍ରୋତ୍ସାହନ ଲୋଡ଼ା

**ଏକଦା ହକିର ଗଡ଼ ଥିଲା ଢେଙ୍କାନାଳ। ଜିଲାର ବହୁ ପ୍ରତିଭାଦୀପ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଜାତୀୟସ୍ତରରେ ଅର୍ଜନ କରିଥିଲେ ସୁନାମ। ସମୟକ୍ରମେ ହତାଦର ହୋଇଯାଇଛି ହକି ଭଳି ଖ୍ୟାତିସମ୍ପନ୍ନ କ୍ରୀଡ଼ା। ପ୍ରଶିକ୍ଷଣ, ପଡ଼ିଆ, ପ୍ରୋତ୍ସାହନ ମିଳୁ ନ ଥିବାରୁ ଲୁଚିଯାଉଛନ୍ତି ଗ୍ରାମାଞ୍ଚଳ ଅନେକ ପ୍ରତିଭା। ଏହି କ୍ରୀଡ଼ାର ବିକାଶ ପାଇଁ ଆଖିଦୃଶିଆ ଉଦ୍ୟମ କରାଯାଉ ନ ଥିବାରୁ ସବୁଥାଇ ଶ୍ରୀହୀନ ହୋଇଯାଇଛି ହକି।**

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୨୮।୮**

ଢେଙ୍କାନାଳ ଜିଲାର ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ଆବଶ୍ୟକ ପ୍ରୋତ୍ସାହନ ଅଭାବ ସତ୍ତ୍ୱେ ନିଜ ଉଦ୍ୟମରେ ଅଭ୍ୟାସ ଜାରି ରଖିଛନ୍ତି ଅନେକ ପ୍ରତିଭାବାନ ଖେଳାଳି। ହେଲେ ହକିର ବିକାଶ ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଆବଶ୍ୟକ ସମ୍ମାନ ମିଳୁନାହିଁ। ଟୋକିଓ ଅଲିମ୍ପିକ୍‌ରେ ବ୍ରୋଞ୍ଜ୍ ବିଜୟ ପରେ ଭାରତୀୟ ପୁରୁଷ ହକି ଦଳକୁ ଛୁଟୁଛି ସବୁଆଡୁ ପ୍ରଶଂସା। ସେମିଫାଇନାଲରେ ପ୍ରବେଶ କରିଥିବା ମହିଳା ଦଳ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ ପାଇଁ ଜିତିଛନ୍ତି ହୃଦୟ। ଜାତୀୟ ପୁରୁଷ ଏବଂ ମହିଳା ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ସରକାରଙ୍କୁ ଏଥିଲାଗି ଦିଆଯାଉଛି ସମସ୍ତ ଶ୍ରେୟ। ଏହାପରେ ହକି ପ୍ରାୟୋଜକ ଅବଧିକୁ ଆହୁରି ୧୦ ବର୍ଷ ଯାଏ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ହେଲେ ଏକଦା ହକିର ଗଡ଼ ଥିବା ଢେଙ୍କାନାଳରେ ଏହି ଖେଳର ବିକାଶ ପ୍ରତି ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ପଶ୍ଚିମ ଓଡ଼ିଶା ଭଳି ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ଢେଙ୍କାନାଳରେ ହକିର ବିକାଶ ଲାଗି ଉଦ୍ୟମ କରାଗଲେ ବହୁ ଜାତୀୟସ୍ତରୀୟ ଖେଳାଳି ବାହାରିବେ ବୋଲି କ୍ରୀଡ଼ା ବିଶେଷଜ୍ଞମାନେ କହିଛନ୍ତି।

ଶିଳ୍ପବହୁଳ ଢେଙ୍କାନାଳରେ ହକି ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରାଯାଉନାହିଁ। ପ୍ରୋତ୍ସାହନ, ଆନୁଷଙ୍ଗିକ ଆବଶ୍ୟକତା, ଆର୍ଥିକ ସହାୟତା ଏବଂ କ୍ରୀଡ଼ା ଉପକରଣ ଅଭାବବୋଧ ଅଭ୍ୟାସରେ ବାଧକ ସାଜିଛି। ଜିଲା ସଦରରେ ହକି ପ୍ରଶିକ୍ଷଣ ଲାଗି ଭଲ ପଡ଼ିଆଟିଏ ନ ଥିବା କ୍ରୀଡ଼ାବିତ୍‌ଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। କିଛି ମାସ ପୂର୍ବରୁ ଟାଟା ନାଭାଲ ହକି ସେଣ୍ଟର ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ହକିର ବିକାଶ ଲାଗି ନିର୍ଦ୍ଦିଷ୍ଟ ଯୋଜନା କରାଯାଉନାହିଁ। ଉକ୍ତ ସ୍ପୋର୍ଟସ୍ ହବ୍‌ରେ ବ୍ୟାଡ୍‌ମିଣ୍ଟନ, ଲନ୍ ଟେନିସ୍ ଭଳି କ୍ରୀଡ଼ାକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ହକି କୋଣଠେସା ହୋଇ ରହିଯାଇଥିବା ଅନେକେ ମତ ଦେଇଛନ୍ତି। ଅପରପକ୍ଷେ ଢେଙ୍କାନାଳ ମାଟିର ୩ ହକି ପ୍ରତିଭା ରାଞ୍ଚି, ରାଉରକେଲା ଏବଂ ସୁନ୍ଦରଗଡ଼ରେ ପ୍ରଶିକ୍ଷକ ଭାବେ ନିୟୋଜିତ ଅଛନ୍ତି। ଜାତୀୟସ୍ତରରେ ସୁନାମ ଅର୍ଜିଥିବା ବରିଷ୍ଠ ପ୍ରଶିକ୍ଷକ ଗିରିଧାରୀ ସାମଲ ସରକାରଙ୍କ ନଜର ଆଢୁଆଳରେ ଗଁଦିଆ ବ୍ଲକ ଚନ୍ଦ୍ରଶେଖରପୁରରେ ଦୁର୍ଦ୍ଦିନରେ ଦିନ ବିତାଉଛନ୍ତି। ତାଙ୍କୁ ହକିର ବିକାଶ ଲାଗି ମାର୍ଗଦର୍ଶକ ଭାବେ ନିଯୁକ୍ତି ଦିଆଯାଉନାହିଁ। ଏଭଳି ସମୟରେ ସଦର ବ୍ଲକ ଜଙ୍ଗିରା ଗ୍ରାମରେ ନିଜ ଉଦ୍ୟମରେ ହକିକୁ ବଞ୍ଚାଇ ରଖିବା ଲାଗି ଉଦ୍ୟମ କରୁଛନ୍ତି ୫୦ଜଣ ଝିଅପୁଅ। ବିନା ଆଷ୍ଟ୍ରୋଟଫ୍ ପଡ଼ିଆରେ ଅଭ୍ୟାସ କରୁଥିବାରୁ ଆଘାତଜନିତ ସମସ୍ୟା ଆଶଙ୍କା ରହୁଛି। ତେଣୁ ଜିଲାର ହକିର ଗୌରବ ଫେରାଇ ଆଣିବାକୁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ହକିପ୍ରେମୀ, କ୍ରୀଡ଼ାବିତ୍ ଏବଂ କୋଚ୍ ଦାବି କରିଛନ୍ତି।

#### ଅଭ୍ୟାସ ପାଇଁ ପଡ଼ିଆ ଅଭାବ



"ହକି ପାଇଁ ଢେଙ୍କାନାଳ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଜିଲାର ୪ଜଣ ପ୍ରତିଭା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶିକ୍ଷକ ଭାବେ ସୁନାମ ଅର୍ଜିଛନ୍ତି। ଉନ୍ନତମାନର ପଡ଼ିଆ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସରେ ସହାୟକ ହୋଇଥାଏ, ଯାହା ଢେଙ୍କାନାଳରେ ନାହିଁ। ଖେଳ ଉପକରଣ, ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଅଭାବ ଅନୁଭୂତ ହେଉଛି।

-ପ୍ରେମାନନ୍ଦ ବିହାରୀ, କ୍ରୀଡ଼ାବିତ୍

#### ବିଦ୍ୟାଳୟସ୍ତରରେ ପ୍ରଶିକ୍ଷଣ ଦିଆଯାଉ



"ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନଙ୍କ ମଧ୍ୟରେ ହକି ପ୍ରତି ବିଶେଷ ଦୁର୍ବଳତା ରହିଆସିଛି। ବିଦ୍ୟାଳୟସ୍ତରରୁ ପିଲାଙ୍କୁ ପ୍ରଶିକ୍ଷଣ ଦିଆଗଲେ ଗ୍ରାମାଞ୍ଚଳରୁ ବହୁ ପ୍ରତିଭାବାନ ଖେଳାଳି ବାହାରିବେ। ସରକାରଙ୍କ ତରଫରୁ ଖେଳ ଶିକ୍ଷକଙ୍କୁ ଆବଶ୍ୟକ ତାଲିମ ଦେଇ ପ୍ରଶିକ୍ଷଣରେ ନିୟୋଜିତ କରାଗଲେ ସୁଫଳ ମିଳିବ।

-ସସ୍ମିତା ମହାନ୍ତି, ମହିଳା କୋଚ୍

#### ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆଗ୍ରହ ବଢୁଛି



"ଢେଙ୍କାନାଳର ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ହକିପ୍ରତି ଆଗ୍ରହ ବଢୁଛି। ଜଙ୍ଗିରା ଗ୍ରାମରେ ୧୫ ଝିଅ, ୩୫ ପୁଅଙ୍କୁ ଦୁଇ ଓଳି ପ୍ରଶିକ୍ଷଣ ଦିଆଯାଉଛି। ଢେଙ୍କାନାଳର ଜଣେ ମହିଳା ଖେଳାଳି ରାଜ୍ୟ ସ୍କୁଲ ହକିରେ ପ୍ରତିନିଧିତ୍ୱ କରି ଜାତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ପ୍ରୋତ୍ସାହନ ମିଳିଲେ ପ୍ରତିଭାବାନ ଖେଳାଳି ସୃଷ୍ଟି ହେବେ।

-ବାବୁଲା ପ୍ରସାଦ ମହାନ୍ତି, କୋଚ୍

#### ଆଷ୍ଟ୍ରୋଟର୍ଫ ପଡ଼ିଆ ପାଇଁ ଉଦ୍ୟମ ଚାଲିଛି



"ହକିର ବିକାଶ ପାଇଁ ରାଜ୍ୟସ୍ତରରେ ହକି ସଂଘ ପ୍ରତିଷ୍ଠା କରିବାକୁ ଯୋଜନା ରହିଛି। ଏହାପରେ ଅନୁରୂପ ଭାବେ ଜିଲାସ୍ତରରେ ହକି ସଂଘ କରାଯିବ। ହକି ଖେଳାଳିଙ୍କ ଅଭ୍ୟାସ ପାଇଁ ଢେଙ୍କାନାଳ ନୂଆ ପୋଖରୀ ନିକଟ ସ୍ପୋର୍ଟସ୍ ହବ୍ ପରିସରରେ ପଡ଼ିଆ ପ୍ରସ୍ତୁତ କରାଯାଉଛି। ଆଷ୍ଟ୍ରୋଟର୍ଫ ପଡ଼ିଆ ପାଇଁ ଉଦ୍ୟମ ଚାଲିଛି।

-ପ୍ରଦୀପ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ

#### ଟାଟା ନାଭାଲ ହକି ସେଣ୍ଟର ନୂଆ ଆଶା



"ହକିର ବିକାଶ ଲାଗି ଢେଙ୍କାନାଳରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଟାଟା ନାଭାଲ ହକି ସେଣ୍ଟର ଯୁବ ପ୍ରତିଭାଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। ଏହି କେନ୍ଦ୍ର ମାଧ୍ୟମରେ ଅନେକ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। କ୍ରୀଡ଼ାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନେଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

-ସାଇ ପ୍ରସାଦ ଦଳେଇ, କୋଚ୍

#### କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଜରୁରୀ



"ସୁଯୋଗ ଥିଲେ ମଧ୍ୟ ଢେଙ୍କାନାଳ ଜିଲାରେ କ୍ରୀଡ଼ା ଆଶାଜନକ ବିକାଶ ହେଉନାହିଁ। ହକି ଖେଳାଳିଙ୍କ ପାଇଁ ଆଷ୍ଟ୍ରୋଟର୍ଫ ପଡ଼ିଆ ନିହାତି ଆବଶ୍ୟକ। ଏଥିସହ ଉନ୍ନତମାନର ଷ୍ଟିକ୍, ଜର୍ସି, ତାଲିମ ସହ ନିୟମିତ ପ୍ରୋତ୍ସାହନ ଦିଆଯିବା ମଧ୍ୟ ଜରୁରୀ। ଏସବୁ କରାଗଲେ ଢେଙ୍କାନାଳର ହକି ହୃତ୍‌ଗୌରବ ଫେରିପାଇବ।

-ପ୍ରୀତିମୟୀ ଖୁଣ୍ଟିଆ, ଖେଳାଳି

# ବଳାତ୍କାର ମାମଲା, ୨ ଗିରଫ

**ବଇଣ୍ଡା,୨୮।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗତ ଜୁନ୍ ୨୭ ରାତିରେ ବନ୍ଧୁକ ଦେଖାଇ ଅପହରଣ କରିବା ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୧୫୪/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ବଇଣ୍ଡା ଫାଣ୍ଡି ପୋଲିସ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ବୈରାଗୀପାଲି ଗ୍ରାମର ପୁଷ୍ପାଞ୍ଜଳି ପ୍ରଧାନ ଓ କାର ଚାଳକ ଅନୁଗୋଳ ଥାନା ହାକିମପଡ଼ା ଅଞ୍ଚଳର ଚିନ୍ମୟ ମହାରଣା। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଅପହରଣରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ବୈରାଗୀପାଲି ଗ୍ରାମର ମଦନ ପ୍ରଧାନଙ୍କୁ ପୂର୍ବରୁ ଗିରଫ କରାଯାଇସାରିଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ମଦନ ଓ ତାଙ୍କ ମା' ପୁଷ୍ପାଞ୍ଜଳି, ଚିନ୍ମୟ ଜୁନ୍ ୨୭ ରାତିରେ ସମ୍ପୃକ୍ତା ମହିଳାଙ୍କ ଘରକୁ ଆସି ତାଙ୍କ ସ୍ୱାମୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମହିଳାଙ୍କୁ କାରରେ ଅପହରଣ କରିନେଇଥିଲେ। ଡାଳପକା ଜଙ୍ଗଲରେ ତାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ମଦନଙ୍କୁ ଉକ୍ତ ଜଙ୍ଗଲରୁ ଜୁନ୍ ୨୮ରେ ଗିରଫ କରାଯିବା ସହ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରଠାରୁ ପୁଷ୍ପାଞ୍ଜଳି ଓ ଚିନ୍ମୟ ଫେରାର ଥିଲେ। ସେମାନେ ଅନୁଗୋଳର ଏକ ଘରେ ଥିବା ଖବରପାଇ ବଇଣ୍ଡା ଫାଣ୍ଡି ପୋଲିସର ସ୍ୱତନ୍ତ୍ର ଟିମ୍ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ଚିନ୍ମୟ ମହାରଣା।

# ଆକ୍ରମଣ ପ୍ରତିବାଦରେ ଥାନା ଘେରାଉ




ଏକତା ମଞ୍ଚ ସଦସ୍ୟମାନେ ଥାନା ଘେରାଉ କରିଛନ୍ତି।

**ତାଳଚେର,୨୮।୮(ନି.ପ୍ର.)**

ଟିଟିପିଏସ୍ ଶ୍ରମିକ ଏକତା ମଞ୍ଚ ସଦସ୍ୟମାନଙ୍କୁ କେତେଜଣ ଅସାମାଜିକ ଯୁବକ ଆକ୍ରମଣ କରିଥିବା ପ୍ରତିବାଦରେ ଶନିବାର ଶତାଧିକ ଠିକାଶ୍ରମିକ କୋଲିୟରୀ ଥାନା ଘେରାଉ କରିଥିଲେ। ଏକତା ମଞ୍ଚ ତରଫରୁ ନୂତନ ପ୍ଲାଣ୍ଟ ନିର୍ମାଣ ଏବଂ ପୁରୁଣା ପ୍ଲାଣ୍ଟକୁ ଚଳାଇବା ଦାବିରେ ଗତ ଫେବୃୟାରୀ ୨୨ରୁ ତାଳଚେର ଥର୍ମାଲ ପ୍ଲାଣ୍ଟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯାଉଛି। ଶନିବାର ପ୍ରାୟ ୧୪-୧୫ ଜଣ ଅସାମାଜିକ ବ୍ୟକ୍ତି ହଠାତ୍ ଧାରଣାସ୍ଥଳରେ ପହଞ୍ଚି ମଞ୍ଚ ସଦସ୍ୟମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଫଳରେ ୪ରୁ ୫ ଜଣ ସଦସ୍ୟ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ପ୍ରଥମେ ସ୍ଥାନୀୟ ଚାଇଁପାଳ ଫାଣ୍ଡି ଘେରାଉ କରାଯିବା ପରେ କୋଲିୟରୀ ଥାନା ଘେରାଉ କରାଯାଇଥିଲା। ଏହି ଗଣ୍ଡଗୋଳ ପାଇଁ ଏନ୍‌ଟିପିସି ମ୍ୟାନେଜମେଣ୍ଟ ଦାୟୀ ବୋଲି ମଞ୍ଚର କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଯେଉଁମାନେ ଏପରି ପରିସ୍ଥିତି ସୃଷ୍ଟି କରିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୩୫୩/୨୧ରେ ଏକ ମାମଲା ରୁଜୁ କରିଛି।

# ଭାଲୁ ଆକ୍ରମଣରେ ଜଣେ ମୃତ

**ବଇଣ୍ଡା,୨୮।୮(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଘୋଷର ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ସେହି ଗ୍ରାମର ବସନ୍ତ ଜେନାଙ୍କ ମୃତ୍ୟୁ ହୋଇଛି। ବସନ୍ତ ସକାଳେ ଜମିକୁ ଚାଷ କରିବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। କୌଣସି ମତେ ହିଂସ୍ର ଭାଲୁ ମୁହଁରୁ ଆହତ ଅବସ୍ଥାରେ ଜୀବନ ବିକଳରେ ଘରକୁ ଦୌଡ଼ି ଆସୁଥିବାବେଳେ ନିକଟସ୍ଥ ଶାଗୁଆନ ବଗିଚାରେ ପଡ଼ି ପ୍ରାଣ ହରାଇଥିଲେ। ଦୀର୍ଘସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ଶାଗୁଆନ ପଡିଆରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ କିଶୋରନଗର ଥାନା ଆଇଆଇସି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ୍ ଓ ବାମୁର ରେଞ୍ଜର ଉଲ୍ଲାସ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବସନ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ ଦାବି କରିଛନ୍ତି।

# ଦଳିଦେଲେ ୫ ହଜାର କୋବି ଗଛ

**ବଇଣ୍ଡା,୨୮।୮(ଡି.ଏନ.ଏ.)**

**ବିଡିଶିଙ୍ଗି ଅଞ୍ଚଳରେ ୧୨ ହାତୀ**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ୍ ବିଡିଶିଙ୍ଗି ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲହାନି ହୋଇଛି। ନିକଟସ୍ଥ ଜଙ୍ଗଲରୁ ୧୨ ହାତୀ ଗ୍ରାମ ନିକଟକୁ ଚାଲିଆସିଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗ୍ରାମର ଗିରିଧାରୀ ସାହୁ, ଅରୁଣ ସାହୁ, ଗୋବର୍ଦ୍ଧନ ସାହୁ, ଅଲେଖ ସାହୁ, ଯଶୋବନ୍ତ ପ୍ରଧାନ, ବନମାଳୀ ପ୍ରଧାନ, ବଳରାମ ପ୍ରଧାନ, ବୈଜୟନ୍ତ ପ୍ରଧାନ, ସଞ୍ଜୀବ ପ୍ରଧାନ, କୈଳାସ ପ୍ରଧାନଙ୍କ ୫ ହଜାର କୋବି ଗଛ, ୨୦୦ କଦଳୀ ଗଛ, ୧୦୦ ଆମ୍ବ ଗଛ ସହ ୧୦ ଏକର ଧାନ ଚାଷ ହାତୀପଲ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଗତ ୧ ସପ୍ତାହ ହେଲା ଉକ୍ତ ୧୨ ହାତୀ ରେଢାଖୋଲ ରେଞ୍ଜ୍‌ରୁ ବାମୁର ଦେଇ ହଣ୍ଡପା ରେଞ୍ଜକୁ ଆସିଥିବା ବେଳେ ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମରେ ପଶି କ୍ଷୟକ୍ଷତି ଘଟାଉଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଭାଜପା ନେତା ଧ୍ରୁବଚରଣ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଉ ନ ଥିବା ଧୁଣ୍ଡି ଗ୍ରାମର ଚାଷୀ ଦୟାନିଧି ପ୍ରଧାନ କହିଛନ୍ତି। ତୁରନ୍ତ ହାତୀପଲକୁ ଘଉଡ଼ାଇ କ୍ଷତିପୂରଣ ଯୋଗାଇଦେବା ପାଇଁ ବିଡିଶିଙ୍ଗି ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।



# ବଢୁଛି ଗୋଠଛଡ଼ା ହାତୀ ଉପଦ୍ରବ

**ହିନ୍ଦୋଳ, ୨୮।୮(ଡି.ଏନ୍.ଏ.)**

- ୨ ବନ କର୍ମଚାରୀ ୨ ଘଣ୍ଟା ଧରି ଅଟକ
- ପ୍ରତିକାର ଦାବିରେ ହିନ୍ଦୋଳ-ଅନୁଗୋଳ ରାସ୍ତା ଅବରୋଧ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ଶନିବାର ତାତିଛନ୍ତି ଅଞ୍ଚଳବାସୀ। ୨ ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହିତ ହିନ୍ଦୋଳ-ଅନୁଗୋଳ ରାସ୍ତା ଅବରୋଧ କରିଥିଲେ।

ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ୧୫ ଦିନ ହେଲା ଏକ ଗୋଠଛଡ଼ା ହାତୀ ବ୍ୟାପକ ଉପଦ୍ରବ ଚଳାଇଛି। ଜମିରେ ପଶି ଧାନ ଫସଲ ନଷ୍ଟ କରୁଛି। ଉକ୍ତ ହାତୀ ଆକ୍ରମଣରେ ନୂଆକୋଟ ଗ୍ରାମର ପଦ ପଧାନ ଗୁରୁତର ହୋଇ ଅନୁଗୋଳ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ହାତୀଟି ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବାରୁ ଜୀବନହାନି ଆଶଙ୍କା ରହୁଛି। ବନ କର୍ମଚାରୀ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ବନ ବିଭାଗରେ କାର୍ଯ୍ୟରତ ଜଗୁଆଳି ପ୍ରଫୁଲ୍ଲ ବିଶ୍ୱାଳ ଏବଂ ମକରା ବେହେରାଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଉଭୟ କର୍ମଚାରୀ ଘଟଣା ସମ୍ପର୍କରେ ବନାଞ୍ଚଳ ଅଧିକାରୀଙ୍କୁ ଫୋନ୍ ଦ୍ୱାରା ଅବଗତ କରାଇଥିଲେ ମଧ୍ୟ କେହି ଘଟଣାସ୍ଥଳରେ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବାଉଁଶପୋଖରୀ ନିକଟ ହିନ୍ଦୋଳ-ଅନୁଗୋଳ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ ସଦଳବଳ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ତେବେ ବନାଞ୍ଚଳ ଅଧିକାରୀ ଆସି ଆଲୋଚନା କରନ୍ତୁ ବୋଲି ଲୋକେ ଜିଦ୍ ଧରିଥିଲେ। ପୋଲିସ ଫୋନ୍ କରି ଡାକିବା ପରେ ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନ୍‌ଲାଇନରେ ଦରଖାସ୍ତ କଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଉତ୍ତ୍ୟକ୍ତ ଲୋକେ ବାଉଁଶପୋଖରୀ ନିକଟସ୍ଥ ହିନ୍ଦୋଳ-ଅନୁଗୋଳ ରାସ୍ତା ଅବରୋଧ କରିଛନ୍ତି।

